TSIL/SE/2018-19/13

June 29, 2018

Dy. General Manager
BSE Limited
Corporate Relationship Department
P. J. Towers
Dalal Street
Mumbai – 400 001

The Manager
Listing Department
National Stock Exchange of India Ltd.
Exchange Plaza (5th Floor)
C/1, Block G
Bandra-Kurla Complex
Bandra (E)
Mumbai – 400 051

Dear Sir/Madam,

Sub: Newspaper Advertisement regarding Notice of the 35th Annual General Meeting, E-Voting and Book Closure

Please find enclosed copies of newspaper advertisements published in Business Standard and Sambad, on 26th June, 2018, regarding notice of 35th Annual General Meeting, E-Voting and Book Closure.

This is for your kind information and records.

Thanking you,

Yours faithfully,
For **Tata Sponge Iron Limited**

Sanjay Kasture
Chief Risk & Compliance Officer
and Company Secretary

TATA

TATA SPONGE IRON LIMITED

CIN: L27102OR1982PLC001091
Registered Office: Post Joda, Dist Keonjhar, Odisha-758034, India
Tel: 91 6767 278178; Fax: 91 6767 278129
Email: investorcell@tatasponge.com; Website: www.tatasponge.com

NOTICE OF THE 35th ANNUAL GENERAL MEETING, E-VOTING AND BOOK CLOSURE

NOTICE is hereby to given that the 35th Annual General Meeting ("AGM") of the Company will be held on Wednesday, July 18, 2018 at 10.30 A.M. at Lake View, Officers' Recreation Centre, TSIL Township, Joda, Dist-Keonjhar, Odisha-758 034, to transact the business as set forth in the Notice of AGM dated April 17, 2018.

Electronic copies of the Notice of AGM and the Annual Report for 2017-18 have been sent to all the members whose email Ids are registered with the Company/Depository Participant(s). These documents are also available on the website of the Company, at www.tatasponge.com. Physical copies of the Notice of the AGM and Annual Report for 2017-18 have been sent to all other members at their registered address in the permitted mode. The dispatch of Notice of AGM and Annual Report 2017-18 have been completed on June 22, 2018.

Notice is further given that pursuant to Section 91 of the Companies Act, 2013 read with rule 10 of the Companies (Management and Administration) Rules 2014 and Regulation 42 of SEBI (Listing Obligations and Disclosure Requirements) Regulations, 2015, the Register of Members and Share Transfer Books of the Company will remain closed from Thursday, July 12, 2018 to Wednesday, July 18, 2018 (both days inclusive) for the purpose of payment of dividend for the financial year 2017-18, if declared.

In compliance with the provisions of Section 108 of the Companies Act, 2013 and Rule 20 of the Companies (Management and Administration) Rules, 2014, as amended and Regulation 44 of SEBI (Listing Obligations and Disclosure Requirements) Regulations, 2015, the Company is pleased to provide the members facility to cast their vote electronically on all the resolutions through remote e-voting services provided by National Securities Depository Limited (NSDL).

The details as required under the Companies Act, 2013 and the Rules are given hereunder:

The remote e-voting period begins on Sunday, July 15, 2018 at 9.00 A.M and ends on Tuesday July 17, 2018 at 5.00 P.M. During this period, members of the Company, holding shares either in physical form, or in dematerialized form, as on cut-off date (i.e. Wednesday July 11, 2018), may cast their vote electronically. The remote e-voting module shall be disabled by NSDL for voting thereafter.

Any person who acquires shares and becomes Member after dispatch of Notice of 35th AGM and holds shares as on the cut off-date, i.e. Wednesday July 11, 2018 may obtain sequence number for remote e-voting by sending request to the Company's Registrar and Share Transfer Agents, M/s. TSR Darashaw Limited at **csg-unit@tsrdarashaw.com.**

The members attending the meeting physically or through proxy may cast their vote through polling paper at the venue of the meeting.However, in case of vote(s) already cast through remote e-voting, any further voting at venue through polling paper shall be treated as invalid and voting through remote e-voting shall prevail.

The Company has appointed Ms. Manjari Sinha, Practising Company Secretary (Membership No. FCS. 9392) as the scrutinizer to scrutinize the e-voting process in a fair and transparent manner.

The Notice of the AGM and Annual Report 2017-18 is available on Company's website **www.tatasponge.com** and also available on website of NSDL on **www.evoting.nsdl.com.**

In case of any queries or issues regarding e-voting you may refer (FAQs) on **www.evoting.nsdl.com** or call on toll free no: 1800-222-990. Members may address their queries connected with facility for voting by electronic means to:

Mr. Rajiv Ranjan
National Securities Depository Limited,
Trade World, A Wing, 4th floor,
Kamala Mills Compound, Senapati Bapat Marg,
Lower Parel, Mumbai-400013
Email: evotingnsdl.co.in
Tel No.: 1800-222-990

For TATA SPONGE IRON LIMITED
Sd/-
Sanjay Kasture
Chief Risk & Compliance Officer and
Company Secretary

Joda (Odisha)
Date: June 25, 2018

TATA SPONGE IRON LTD

ଅବଶିଷ୍ଟାଂଶ...

ନିର୍ବାଚନ ପାଇଁ ....

ହସ୍ତାନ୍ତର କରିବାକୁ ପୂର୍ତ୍ତ ବିଭାଗକୁ କୁହାଯାଇଛି। ଆସନ୍ତା ସାଧାରଣ ନିର୍ବାଚନରେ ସମସ୍ତ ବୁଥ୍‌ରେ ଇଭିଏମ୍ ସହିତ ଭିଭିପିଏଟି ମଧ୍ୟ ବ୍ୟବହାର ହେବ।

ଶ୍ରୀ କୁମାର ଆହୁରି ସୂଚନା ଦେଇଛନ୍ତି, ନିର୍ବାଚନ ପରିଚାଳନା ପାଇଁ ବଜେଟ୍ ପ୍ରସ୍ତୁତ କରିବା ଏକ ପ୍ରାଥମିକ ପ୍ରକ୍ରିୟା। ପୋଲିଂ ପାର୍ଟିର ପରିବହନ, କମ୍ପ୍ୟୁଟର, ବୁଥ୍ ଓ ଷ୍ଟ୍ରଙ୍ଗ୍‌ରୁମ୍ ଆଦି ଭିତ୍ତିଭୂମି ନିର୍ମାଣରେ କେତେ ଖର୍ଚ୍ଚ ହେବ, ଜିଲ୍ଲା ଓ୍ୱାରି ତାହାର ତାଲିକା ମଗାଯାଇଛି। ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ମିଳିଲା ପରେ ଆମେ ଗୋଟିଏ ବଜେଟ୍ ପ୍ରସ୍ତୁତ କରିବୁ। ଯାହା ଫଳରେ ଆଗକୁ ସଠିକ୍ ଓ ସୁଚାରୁ ଭାବେ ନିର୍ବାଚନ ପରିଚାଳନା କରାଯାଇପାରିବ।

ଆଗୁଆ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ସେଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି କି ବୋଲି ପ୍ରଶ୍ନରେ ସିଇଓ କହିଥିଲେ, ସେ ନେଇ କୌଣସି ସୂଚନା ନାହିଁ। ୨୦୧୯ ସାଧାରଣ ନିର୍ବାଚନକୁ ଆଖି ଆଗରେ ପ୍ରସ୍ତୁତି କରାଯାଉଛି। ନିୟମିତ ଭାବେ ନିର୍ବାଚନ ଆୟୋଗ ଯାହା ନିର୍ଦ୍ଦେଶ ଦେଉଛନ୍ତି, ତାହାକୁ କାର୍ଯ୍ୟକାରୀ କରାଯାଉଛି।

ସିଇଓଙ୍କ ଏହି ଚିଠି ରାଜ୍ୟରେ ରାଜନୈତିକ ବାତାବରଣକୁ ସରଗରମ କରିଦେଇଛି। ସିଇଓଙ୍କ ଭାଷାରେ ଏହା ନିୟମିତ ପ୍ରକ୍ରିୟା ହୋଇଥିଲେ ମଧ୍ୟ ରାଜନୈତିକ ଦୃଷ୍ଟିକୋଣରୁ ଏହାକୁ ନିୟମିତ ବୋଲି ବହୁ ନେତା ଗ୍ରହଣ କରିବାକୁ ନାରାଜ। ବିଜେଡି ମୁଖପାତ୍ର ତଥା ସାଂସଦ ପ୍ରତାପ ଦେବ କହିଛନ୍ତି, ଗଣମାଧ୍ୟମରେ ଆଗୁଆ ନିର୍ବାଚନ ନେଇ ଯଥେଷ୍ଟ ଆଗରୁ ଚର୍ଚ୍ଚା ଚାଲିଛି। ନିଜେ ପ୍ରଧାନମନ୍ତ୍ରୀ ମଧ୍ୟ ଆଗୁଆ ତଥା ଏକା ସଙ୍ଗରେ ନିର୍ବାଚନ ପାଇଁ ମତ ଦେଇଛନ୍ତି। ଏପରିକି ନିର୍ବାଚନ କମିସନ୍ ମଧ୍ୟ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ବୋଲି କହିସାରିଛନ୍ତି। ଗତ ବର୍ଷ ଠାରୁ ଆରମ୍ଭ ହୋଇଥିବା ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାର ସମୟସୀମା ୨୦୧୮ ଅକ୍ଟୋବର ୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ତେଣୁ ଆଗୁଆ ନିର୍ବାଚନକୁ ଆଖି ଆଗରେ ରଖି ଏସବୁ କରାଯାଉଛି। ବିଜେଡି ଏଥିପାଇଁ ବିଚଳିତ ନୁହେଁ। ଯେକୌଣସି ସମୟରେ ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ଅଛି।

ବିଜେପି ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ନିର୍ବାଚନ କମିସନ୍ କ'ଣ ନିର୍ଦ୍ଦେଶ ଜାରି କରିଛନ୍ତି, ସେ ସମ୍ପର୍କରେ ଆମେ ଅବଗତ ନାହୁଁ। କିନ୍ତୁ ନିର୍ବାଚନ ଯେତେବେଳେ ହେଲେ ବି ବିଜେପି ସେଥିପାଇଁ ପ୍ରସ୍ତୁତ ଅଛି।

ସେହିପରି କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ନିର୍ବାଚନ ପାଇଁ କଂଗ୍ରେସ ସବୁବେଳେ ପ୍ରସ୍ତୁତ ଅଛି। ବିଳମ୍ବରେ ହେଲେ ମଧ୍ୟ ଗତ ଦେଢ଼ ମାସ ମଧ୍ୟରେ କଂଗ୍ରେସ ବୁଥ୍ ସ୍ତର ପର୍ଯ୍ୟନ୍ତ ସାଂଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ଼ କରିପାରିଛି। ଅଗଷ୍ଟ ଶେଷ ସୁଦ୍ଧା ୫୦ ପ୍ରତିଶତ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୂଡ଼ାନ୍ତ ହେବେ। ତେଣୁ ନିର୍ବାଚନ ଆଗୁଆ ହେଉ କି ନିର୍ଦ୍ଧାରିତ ସମୟରେ ହେଉ, କଂଗ୍ରେସ ନିର୍ବାଚନକୁ ସାମ୍ନା କରିବାକୁ ସବୁବେଳେ ପ୍ରସ୍ତୁତ।

ଅଧିକାରୀଙ୍କୁ ଭେଟିବେ...

ସାଧାରଣ ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଅନ୍ୟ ରାଜ୍ୟର ନିର୍ବାଚନ ଅଧିକାରୀମାନଙ୍କ ସହ ମଧ୍ୟ ଏକ ସ୍ୱତନ୍ତ୍ର କର୍ମଶାଳା ତଥା ସମୀକ୍ଷା ବୈଠକ ଆୟୋଜନ କରି ଭାରତୀୟ ନିର୍ବାଚନ ଆୟୋଗ ରାଜ୍ୟମାନଙ୍କର ନିର୍ବାଚନ ସଂକ୍ରାନ୍ତ ପ୍ରସ୍ତୁତି ସମ୍ପର୍କରେ ଅବଗତ ହେବେ। ତେବେ କେବଳ ରାଜ୍ୟର ନିର୍ବାଚନ ଅଧିକାରୀଙ୍କ ସହ ନୁହେଁ. ପଦସ୍ଥ ଅଧିକାରୀ, ସୁରକ୍ଷା ଅଧିକାରୀ ତଥା ବିଭିନ୍ନ ରାଜନୈତିକ ଦଳ ମାନଙ୍କ ସହ ନିର୍ବାଚନ ଆୟୋଗ ଏକାଧିକ ବୈଠକ ଆୟୋଜନ କରିବେ ବୋଲି ଜଣାପଡ଼ିଛି।

ବରିଷ୍ଠ ନିର୍ବାଚନ ଅଧିକାରୀମାନଙ୍କୁ କର୍ମଶାଳା ଜରିଆରେ ନିର୍ବାଚନ ପ୍ରସ୍ତୁତି ତଥା ସାଇବର ସୁରକ୍ଷା ପ୍ରତି ବିଶେଷ ରୂପେ ସଜାଗ ରହିବାପାଇଁ ମନ୍ତ୍ର ଦିଆଯିବ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ତଥା ନିରପେକ୍ଷତା ଦୃଷ୍ଟିରୁ ଅଧିକ ପାରଦର୍ଶୀତା ଆଣିବା ନେଇ ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିକଟରେ ୭ଟି ରାଜ୍ୟର ବରିଷ୍ଠ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଆୟୋଜନ କରାଯାଇଥିବା କର୍ମଶାଳାରେ ନିର୍ବାଚନ ଆୟୋଗ ଦ୍ୱାରା ଭୋଟର ଲିଷ୍ଟରେ ଅନିୟମିତତା ତଥା ପୋଲିଂ ବୁଥ୍‌ରେ ଅବ୍ୟବସ୍ଥାକୁ କିଭଳି ଦୂର କରାଯାଇପାରିବ ସେନେଇ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାଚନରେ ଖର୍ଚ୍ଚ ସୀମାଠାରୁ ଯେମିତି ଅଧିକ ଖର୍ଚ୍ଚ କରାନଯାଏ ତଥା ନିର୍ବାଚନରେ ଅର୍ଥବଳର ବ୍ୟବହାରକୁ କିଭଳି କଡ଼ାକଡ଼ି ଭାବେ ରୋକ୍ ଲଗାଯାଇପାରିବ ସେନେଇ ଏବେଠାରୁ କଡ଼ା ନଜର ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ନିକଟରେ ବିଭିନ୍ନ କାରଣରୁ ଭାରତୀୟ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ତାରିଖ ନିର୍ବାଚନ ଆୟୋଗ ଦ୍ୱାରା ଘୋଷଣା ହେବା ପୂର୍ବରୁ ସୋସିଆଲ୍ ମିଡିଆରେ ଜାରି ହେବା, ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଦୀର୍ଘ ବ୍ୟବଧାନରେ କରାଯିବା ନିଷ୍ପତ୍ତି, ଦିଲ୍ଲୀ ଆମ ଆଦ୍‌ମୀ ପାର୍ଟିର ୨୦ ଜଣ ବିଧାୟକଙ୍କ ସଭ୍ୟପଦ ରଦ୍ଦ ମାମଲା ଏବଂ ପରବର୍ତ୍ତୀ ସମୟରେ ହାଇକୋର୍ଟ ଦ୍ୱାରା ସେମାନଙ୍କ ସଭ୍ୟପଦ କାଏମ୍ ରହିବାଭଳି ପ୍ରସଙ୍ଗ ଭାରତୀୟ ନିର୍ବାଚନ ଆୟୋଗର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲା। ତେବେ ନିର୍ବାଚନ ଆୟୋଗ ନିରପେକ୍ଷ ନିଷ୍ପତ୍ତି ନେବାରେ ବିଫଳ ବୋଲି ବିରୋଧୀଦଳ ଗୁଡ଼ିକ ଅଭିଯୋଗ ଆଣିଥିଲେ। ତେଣୁ ଆସନ୍ତା ସାଧାରଣ ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବାପାଇଁ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ତତ୍ପରତା ପ୍ରକାଶ ପାଇଛି।

୪ ଜିଲ୍ଲାରେ ବର୍ଷିଲା....

କଟକରେ ୨୭.୩ ମି.ମି., ପୁରୀରେ ୧୯.୬, ଚାନ୍ଦବାଲିରେ ୧୭ ମି.ମି. ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଉତ୍ତର ପଶ୍ଚିମ ଦିଗରେ ରହିଛି। ତାହା ପ୍ରଭାବରେ ଜୁନ୍ ୨୮ ତାରିଖ ଯାଏ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ରହିବ। ଫଳରେ ଉପକୂଳ, ଉତ୍ତର, ଅଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ୨୬ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନ ହେଉଛି ଯେ ଆସନ୍ତା ୨୪ ଘଣ୍ଟା ମଧରେ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୁଳ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ୨୬ ତାରିଖ ବେଳକୁ ଉତ୍ତର ଓଡ଼ିଶା ସମେତ ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ବେଗରେ ପବନ ହେବ। ତେଣୁ ସମୁଦ୍ର ମଧକୁ ଯିବା ସମୟରେ ମତ୍ସ୍ୟଜୀବୀମାନେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ ମୌସୁମୀ ପୁଣିଥରେ ସକ୍ରିୟ ହୋଇଥିଲେ ମଧ ତାହାର ପ୍ରଭାବ ସେତେଟା ରହିବନି। ମୌସୁମୀ ପ୍ରବାହରେ ଯେଉଁଭଳି ବର୍ଷା ହେବା କଥା ହେବନି। ଉତ୍ତର ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷାର ପରିମାଣ ଅଧିକ ରହିବ। ବଜ୍ରପାତର ଆଶଙ୍କା ମଧ ରହୁଛି।

କଂଗ୍ରେସ କୃଷକ ସେଲ୍‌ର ରୋଡ଼ମ୍ୟାପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୨୫/୬(ଇମିସ): ରାଜ୍ୟରେ ଚାଷୀଙ୍କ ଦୁଃଖ ଓ ଦୁର୍ଦ୍ଦଶା ପାଇଁ ଉଭୟ ବିଜେଡି ଓ ବିଜେପି ସରକାର ଦାୟୀ। ଏହା ବିରୁଦ୍ଧରେ ଲଢ଼ିବାକୁ କଂଗ୍ରେସ କୃଷକ ସେଲ୍ ଚୂଡ଼ାନ୍ତ କରିଛି ରୋଡ଼ମ୍ୟାପ୍। ଚାଷୀଙ୍କ ହକ୍ ଆଦାୟ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। କଳାହାଣ୍ଡି ଜିଲ୍ଲାରୁ ଏହା ଆରମ୍ଭ ହେବ ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ପ୍ରଦେଶ କିଷାନ କ୍ଷେତ ମଜଦୁର କଂଗ୍ରେସର ସାଧାରଣ ଅଧିବେଶନରେ ନିଷ୍ପତ୍ତି ନିଆଯାଇଛି।

ପିସିସି କୃଷକ ସେଲ୍ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ଯୁଗ୍ମ ସମ୍ପାଦକ ଆଦିତ୍ୟ ଶର୍ମା ଯୋଗ ଦେଇଥିଲେ। ସେମାନେ ରାଜ୍ୟରେ କୃଷି ଓ କୃଷକର ବିପର୍ଯ୍ୟୟ ପାଇଁ ବିଜେଡି ଓ ବିଜେପି ଉଭୟ ସରକାରଙ୍କୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରିଛନ୍ତି। ରାଜ୍ୟର ୧୦ ଲକ୍ଷ ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଛି। ଅଭାବୀ ବିକ୍ରି, ଫସଲହାନି ଓ ଋଣ ବୋଝରେ ୬୮୯୪ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷରେ ଚାଷ, ଚାଷୀର ବିକାଶ ପାଇଁ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଯାହା ଘୋଷଣା କରିଥିଲେ, ସେଥିମଧରୁ ଗୋଟିଏ ବି ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭୋଟ ହାତେଇବା ନିମନ୍ତେ ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣା ଦେଇଚାଲିଥିବା ଶ୍ରୀ ପଟ୍ଟନାୟକ କହିଥିଲେ।

ଏଆଇସିସି ଯୁଗ୍ମ ସଂପାଦକ ଶ୍ରୀ ଶର୍ମା ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ କରାଯିବ ବୋଲି କହିଥିଲେ। ପିସିସି ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ କଂଗ୍ରେସ କୃଷକ ସେଲ୍ ସାଧାରଣ ଚାଷୀଙ୍କ ନିକଟରେ ସେମାନଙ୍କ ଦାବି ହାସଲ ପାଇଁ ସଂଗ୍ରାମ କରିବ ବୋଲି କହିଥିଲେ।

ବୈଠକରେ ଉପାଧକ୍ଷ ଦେବୀପ୍ରସନ୍ନ ଚାନ୍ଦ, ଦେବୀପ୍ରସାଦ ପୃଷ୍ଟି, ଶଶିଭୂଷଣ ପାତ୍ର, ସଚ୍ଚିଦାନନ୍ଦ ମହାକୁଡ, ନିତ୍ୟାନନ୍ଦ ପଣ୍ଡା, ସେକ୍ ମୋବିନ୍, ବୃନ୍ଦାବନ ଖଟେଇ, କୃଷ୍ଣଚନ୍ଦ୍ର ନେପାକ, ଗୋବିନ୍ଦ ପଟେଲ, ଖଗେଶ୍ୱର ଜେନା, ଦେବେନ୍ଦ୍ର କୁମାର ରାଓ, ପ୍ରେମାନନ୍ଦ ସ୍ୱାଇଁ, ସୁକେଶ ପଟ୍ଟନାୟକ, ଅରବିନ୍ଦ ସାମଲ, ନିହାର ଧଳ, ନିରଞ୍ଜନ ବେହେରା, କାର୍ତ୍ତିକଚନ୍ଦ୍ର ଦାସ ପ୍ରମୁଖ ରୋଡମ୍ୟାପ ପ୍ରସ୍ତୁତି ନେଇ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

ସିଡବ୍ଲୁସି ପୁନର୍ଗଠିତ ; ମନ୍ଦାକିନୀ ଜେମା ଅଧ୍ୟକ୍ଷା

କଟକ,୨୫।୬(ଇମିସ): ଜିଲ୍ଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି) ପୁନର୍ଗଠିତ ହୋଇଛି । ମନ୍ଦାକିନୀ ଜେମାଙ୍କୁ ଅଧକ୍ଷା ଭାବେ ନିଯୁକ୍ତ କରାଯାଇଛି । ସେହିପରି ଅନ୍ୟ ଚାରି ଜଣ ସଦସ୍ୟଙ୍କୁ ମଧ ନିଯୁକ୍ତ କରାଯାଇଛି । ଏ ସଂକ୍ରାନ୍ତରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଜିଲ୍ଲାସ୍ତରରେ ସିଡବ୍ଲୁସି ପ୍ରତି ୩ ବର୍ଷରେ ପୁନର୍ଗଠିତ ହେଉଛି । ଏଥିରେ ଜଣେ ଅଧକ୍ଷଙ୍କ ସମେତ ଚାରି ଜଣ ସଦସ୍ୟ ନିଯୁକ୍ତ ହୋଇଥାନ୍ତି । ଶେଷ ଥର ପାଇଁ ଗତ ୨୦୧୪ ଜୁଲାଇ ୪ ତାରିଖରେ ଗଠିତ କମିଟିରେ ବିକାଶ ମହାପାତ୍ରଙ୍କୁ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଥିଲା । ସେହିପରି ସଦସ୍ୟ ଭାବେ ପ୍ରଦୀପ ପଟ୍ଟନାୟକ, ଡଲି ଦାସ ଏବଂ ସୁଜାତା ମହାପାତ୍ର ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଗୋଟିଏ ସଦସ୍ୟ ପଦବି ଖାଲି ପଡ଼ିଥିଲା । ୨୦୧୭ ଜୁନ୍‌ରେ ଏହି କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା । କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ କମିଟିର କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରାଯାଇଥିଲା । ଇତିମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନୂଆ କମିଟି ଗଠନ କରାଯାଇ ତାଲିକା ପ୍ରକାଶ ପାଇଛି । ଏଥିରେ ଅଧକ୍ଷ ଭାବେ ମନ୍ଦାକିନୀ ଜେମାଙ୍କ ସମେତ ସଦସ୍ୟ ଭାବେ ଚିତ୍ତରଞ୍ଜନ ମହାନ୍ତି, ଅମୀୟ ଭୂଷଣ ବିଶ୍ୱାଳ, ଶ୍ରୀକାନ୍ତ ମହାନ୍ତି, ପ୍ରଦୀପ କୁମାର ମୁଦୁଲି ସ୍ଥାନ ପାଇଛନ୍ତି। ଏବେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଖୁବ ଶୀଘ୍ର କଟକ ସିଡବ୍ଲୁସି କାର୍ଯ୍ୟାଳୟରେ ନୂଆ ଅଧ୍ୟକ୍ଷା ଓ ସଦସ୍ୟମାନେ ଯୋଗ ଦେବେ ବୋଲି ସୂଚନା ମିଳିଛି ।

ମଦ ବିରୋଧରେ ମହିଳା ମେଳି

ଢେଙ୍କାନାଳ/ଭାପୁର,୨୫।୬(ଇମିସ): ମଦ ଲୋକଙ୍କୁ ସ୍ୱର୍ବସ୍ୱାନ୍ତ କରିବା ସହ ସାମାଜିକ ବିଶୃଙ୍ଖଳାର ଅନ୍ୟତମ କାରଣ ସାଜିଛି। ଅଞ୍ଚଳରୁ ମଦ ହଟାଇବା ପାଇଁ ଆଜି ସଦର ବ୍ଲକ୍ ଭାପୁର ଶବର ସମାଜ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବେଲଟିକିରି ପଞ୍ଚାୟତ ଦାମୋଦରନାଳୀ ମହଳା ସଂଘ ଦାବି କରିଛି। ଶବର ସମାଜ ମହିଳା ଗୋଷ୍ଠୀ ପକ୍ଷରୁ ଭାପୁରରେ ସଚେତନତା ଶୋଭାଯାତ୍ରା, ସଭା ହୋଇଥିବାବେଳେ ଦାମୋଦରନାଳୀ ମହିଳାମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

ଭାପୁରରେ ଶବର ସମାଜ ମହିଳା ଗୋଷ୍ଠୀ ସହ ଝୁମ୍ପୁଡ଼ିଆ, ଗଞ୍ଜେଇଡିହ, ମହୁଲପୁଞ୍ଜି, ମଧୁସାହୁପାଟଣା ମହିଳା ସଂଘ ସାମିଲ ହୋଇଥିଲେ। ଦିନ ୧୧ଟାବେଳେ ଏକତ୍ରିତ ହୋଇ ଅପରାହ୍ଣ ୨ଟାରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଭାପୁର ଗାଁର ପ୍ରତି ସାହିରେ ବୁଲି ମଦ ନପିଇବାକୁ ଲୋକଙ୍କୁ ସଚେତନ କରିଥିଲେ। ମଦ ବିକ୍ରିରୁ ନିବୃତ୍ତ ରହିବାକୁ ବଣିଆସାହିର କେତେକ ବେପାରୀଙ୍କୁ ନିବେଦନ କରିଥିଲେ। ଅପରାହ୍ଣ ୫ଟାବେଳେ ଭାପୁର ଶବର ସାହିରେ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ହର୍ଷବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟା ଅର୍ଚ୍ଚନା ସାହୁ, ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଭୋଇ, ସମାଜସେବୀ ଅଶୋକ ପରିଡ଼ା, ରମେଶ ବେହେରା, ରଣବୀର ସିଂହଦେଓ, ଅମୀର ରାଉତ, ନବକିଶୋର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେଠାରୁ ମହିଳାମାନେ ଭାପୁର ଫାଣ୍ଡିରେ ପହଞ୍ଚି ଅଞ୍ଚଳରେ ମଦ ବିକ୍ରି ବନ୍ଦ କରାଯିବାକୁ ଦାବିପତ୍ର ଦେଇଥିଲେ।

'ପେସା' ନାମରେ ...

ଦର୍ଶାଇ ଏହି ସମାନ୍ତରାଳ ଗ୍ରାମସଭାର ସପକ୍ଷବାଦୀମାନେ ଗତ ମେ' ୨୯ ତାରିଖ ସୁଦ୍ଧା ନିର୍ମାଣ ହୋଇଥିବା ପାଚେରୀକୁ ଭାଙ୍ଗିବାକୁ କାରଖାନା କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିଲେ। ନିଜେ ନ ଭାଙ୍ଗିଲେ ଗ୍ରାମବାସୀ ପାଚେରିକୁ ମାଟିରେ ମିଶାଇ ଦେବେ ବୋଲି ମଧ୍ୟ ଧମକ ଦେଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟାରେ ଶତାଧିକ ଗ୍ରାମବାସୀ କାରଖାନା ସମ୍ମୁଖରେ ଏକଜୁଟ୍ ହୋଇଥିଲେ। ସେମାନେ ଅତର୍କିତ ଭାବେ କାରଖାନା ପଛପାଖି, ସମ୍ମୁଖରେ ଥିବା ପାଚେରୀ ଓ ଷ୍ଟାଫ୍ କ୍ୱାର୍ଟର୍ସ ଭଙ୍ଗାରୁଜା କରିଥିଲେ। ଉପସ୍ଥିତ କାରଖାନା କର୍ମଚାରୀଙ୍କୁ ସେମାନେ ଧମକଚମକ ଦେବା ସହ ମାଡ଼ପିଟ କରିଥିବା ଅଭିଯୋଗ ହୋଇଛି।



ଏ ସମ୍ପର୍କରେ ଖବରପାଇ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ଜିଲ୍ଲାପାଳ ଏସ୍.କେ. ମୀନାଙ୍କ ସମେତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉତ୍ତେଜନା ଲାଗି ରହିଥିବାରୁ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଭଙ୍ଗାରୁଜା ଓ କାରଖାନା କର୍ମଚାରୀଙ୍କୁ ମାଡ଼ପିଟ କରିଥିବା ଅଭିଯୋଗରେ ପୁଲିସ ୧୫୦ରୁ ଅଧିକ ଲୋକଙ୍କୁ ପ୍ରଥମେ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ୪୭ ଜଣଙ୍କୁ ଗିରଫ କରାଯାଇଛି। ଆନ୍ଦୋଳନକାରୀଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ବିଭିନ୍ନ ଦଫାରେ ପୁଲିସ୍ ମାମଲା ରୁଜୁ କରିଛି।

ପେସା ଓ ପାରମ୍ପରିକ ଗ୍ରାମସଭା ନାଁରେ ସୁନ୍ଦରଗଡ଼ ଜିଲ୍ଲାର ପ୍ରାୟ ୨୫୦ ଗାଁରେ ପଥରପୋତା (ପଥର ଗାଡ଼ା) ଅଭିଯାନ ଚାଲିଛି। ଏହି ଗ୍ରାମସଭାର ବିନା ଅନୁମତିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟକୁ ସେମାନେ ବିରୋଧ କରୁଛନ୍ତି। ହେମଗିର ବାଞ୍ଜିକଛାର ଠାରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟାୱାର କାମକୁ ମଧ୍ୟ ଗ୍ରାମସଭା ପକ୍ଷରୁ ବିରୋଧ କରାଯାଇଥିଲା। ଅନୁରୂପ ଭାବେ ଆତ୍ମଘୋଷିତ ଗ୍ରାମସଭାର ସପକ୍ଷବାଦୀମାନେ ଦୀର୍ଘ ୪ ମାସ ହେଲା ରାଜଗାଙ୍ଗପୁରସ୍ଥିତ ଓଡ଼ିଶା ସିମେଣ୍ଟ ଲିଃ (ଓସିଏଲ୍) ପମ୍ପ ହାଉସ୍‌କୁ ମଧ୍ୟ ତାଲାମାରି ବନ୍ଦ ରଖିବା ସହ ମୋଟା ଅଙ୍କର ଚାନ୍ଦା ଦାବିରେ ଅଟଳ ଅଛନ୍ତି। କେତେକ ସ୍ଥାନରେ ସେମାନେ ଗାଁ ପ୍ରବେଶ କରୁଥିବା ପୁଲିସ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖୁଥିବା ଅଭିଯୋଗ ହୋଇଛି। ଗତ ସପ୍ତାହରେ କୁତ୍ରାର ଗଡ଼ପୋଷ ଛକରେ ଆତ୍ମଘୋଷିତ ଗ୍ରାମସଭାର ସପକ୍ଷବାଦୀ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟି ୮ ଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

ଡଙ୍ଗାରେ....

ଭାଉଜ ଦାସୀ ଡଙ୍ଗା ଉପରେ ଅଚେତ ହୋଇପଡିଥିଲେ। ନିକଟରେ ଅନ୍ୟ ଏକ ଡଙ୍ଗାରେ ଥିବା ମତ୍ସ୍ୟଜୀବୀମାନେ ସେମାନଙ୍କୁ କୂଳକୁ ଆଣିଥିଲେ। ବଜ୍ରପାତରେ ଆହତ ଦାସୀ ଓ ତାରକଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

ପ୍ରି-କ୍ୱାର୍ଟର୍‌ରେ ସ୍ପେନ୍ ...

ପଏଣ୍ଟ ବାଣ୍ଟିବାରୁ ଏହି ଆଶାଜନକ ଫଳ ମିଳିଛି। ହାତ ପାହାନ୍ତାରେ ପାଇ ଏସୀୟ ଦଳ ଇରାନ୍‌କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ସୋମାର କାଜାନ ଆରେନା ଷ୍ଟାଡିୟମ୍‌ରେ ପର୍ତ୍ତୁଗାଲ୍ ପାଇଁ ପ୍ରଥମେ ଆଗୁଆ ହୋଇଥିଲା। ୪୫ତମ ମିନିଟ୍‌ରେ ରକାର୍ଡୋ କ୍ୱାରେଜ୍‌ମୋଙ୍କ ଗୋଲ୍ ବଳରେ ଇରାନ୍‌କୁ ଚକିତ କରି ଦେଇଥିଲା। ଏକା ଏକା କ୍ୱାରେଜ୍‌ମୋ ଗୋଲ୍ ବନାଇଥିଲେ ଏବଂ ସ୍କୋର୍ କରିଥିଲେ। ୩୪ ବର୍ଷ ୨୭୨ ଦିନରେ ଗୋଲ୍ ଦେଇ ସେ ନିଜର ପ୍ରଥମ ବିଶ୍ୱକପ୍ ଗୋଲ୍ ଦେବାରେ ସବୁଠୁ ବୟୋଜ୍ୟେଷ୍ଠ ସ୍କୋରର୍ ହୋଇଥିଲେ। ୨୦୦୬ ମସିହାରେ ୟାହ୍ୟା ଗୋଲମହମଦି ଇରାନ୍ ପାଇଁ ମେକ୍ସିକୋ ବିପକ୍ଷରେ ୩୫ ବର୍ଷ ୮୪ ଦିନରେ ଗୋଲ୍ ଦେଇଥିବାରୁ ଏହା ପଛରେ ପଡ଼ିଯାଇଥିଲା। ଏହି ମ୍ୟାଚ୍‌ରେ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ଗୋଲକୁ ରୋକି ଇରାନ୍ ଗୋଲି ଅଲୀ ବିରାନ୍‌ଭାଦ ନାୟକ ସାଜିଥିଲେ। ଶେଷକୁ ଇରାନ୍ କିନ୍ତୁ ୯୩ତମ ମିନିଟ୍‌ରେ କରିମ୍‌ଙ୍କ ପେନାଲଟି ଗୋଲ୍ ଜରିଆରେ ପଏଣ୍ଟ ଛଡ଼ାଇଥିଲା। କିନ୍ତୁ ପ୍ରି-କ୍ୱାର୍ଟର ପହଞ୍ଚିବାରୁ ବଞ୍ଚିତ ରହିଥିଲା। ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା।

କଲିନ୍‌ଗ୍ରାଡ୍ ଷ୍ଟାଡିୟମ୍‌ରେ ୨୦୧୦ ବିଶ୍ୱକପ୍ ନାୟକ ଆନ୍ଦ୍ରେ ଇନିଷ୍ଟାଙ୍କ ପ୍ରଭାବହୀନ ଖେଳରୁ ମରକ୍କୋ ଫାଇଦା ନେଇଥିଲା। ମ୍ୟାଚ୍‌ର ୧୪ତମ ମିନିଟ୍‌ରେ ଇନିଷ୍ଟା ମଝି ପଡ଼ିଆରେ ବଲ୍ ଉପରୁ ନିୟନ୍ତ୍ରଣ ହରାଇବାରୁ ଖଲିଦ୍ ବୌତାଇବ୍ ଏହାକୁ ସିଧା ନେଇ ଯାଇଥିଲେ। ରାମୋସ୍ ଏବଂ ଇନିଷ୍ଟାଙ୍କ ଦ୍ୱନ୍ଦ୍ୱରୁ ଫାଇଦା ଉଠାଇ ସେ ଅତ୍ୟନ୍ତ ଶାନ୍ତ ସ୍ୱଭାବରେ ବଲକୁ ତଳୁଆ ସଟ୍‌ରେ ସ୍ପେନ୍ ଗୋଲରକ୍ଷକ ଡେଭିଡ୍ ଡି ଜିଆଙ୍କୁ ପରାସ୍ତ କରିଥିଲେ। ମରକ୍କୋର ଏହି ଅଗ୍ରଣୀ କିନ୍ତୁ ମାତ୍ର ୫ ମିନିଟ୍ ରହିଥିଲା। ୧୯ତମ ମିନିଟ୍‌ରେ ଇସ୍କୋଙ୍କ ଗୋଲ୍ ସ୍ପେନ୍‌କୁ ଆଶ୍ୱସ୍ତ କରିଥିଲା। ଇନିଷ୍ଟା ଓ ଡିଏଗୋ କୋଷ୍ଟାଙ୍କ ଦେଇଥିବା ସୁନ୍ଦର ସୁଯୋଗକୁ ଇସ୍କୋ ହାତଛଡ଼ା କରିବାକୁ ଦେଇନଥିଲେ। ଏଥି ସହିତ ସେ ସ୍ପେନ୍ ପାଇଁ ୧୫ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୨ ଗୋଲ୍‌ରେ ସମ୍ପୃକ୍ତି ରଖିଥିଲେ। ୧୦ ଗୋଲ୍ ଦେଇଥିବାବେଳେ ୨ଟିରେ ସହାୟତା କରିଛନ୍ତି। ପ୍ରଥମାର୍ଧ ୧-୧ରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଧରେ ସ୍ପେନ୍ ପ୍ରଭାବହୀନ ରହିଥିଲା। ୮୧ତମ ମିନିଟ୍‌ରେ ଏନ୍ ନେସରିଙ୍କ ଗୋଲ୍ ମରକ୍କୋକୁ ପୁଣି ଆଗୁଆ କରାଇ ଦେଇଥିଲେ। ସମ୍ପ୍ରସାରିତ ସମୟର ୯୧ତମ ମିନିଟ୍‌ରେ ସ୍ପେନ୍ ପାଇଁ ଇଆଗୋ ଅସ୍‌ପାସଙ୍କ ବ୍ୟାକ୍ ସଟ୍ ଗୋଲ୍ ମରକ୍କୋକୁ ଏକ ପ୍ରକାର ମାରି ଦେଇଥିଲା। ଏହାକୁ ଅଫ୍‌ସାଇଡ୍ ଗୋଲ୍ ସଙ୍କେତ ଯାଇଥିଲେ ମଧ୍ୟ ଭାର୍ ଜରିଆରେ ଗୋଲ୍ ନିଶ୍ଚିତ ହୋଇଥିଲା। ଦୁଇ ଥର ଆଗୁଆ ହୋଇ ମରକ୍କୋ ଜିତିପାରିନଥିଲା। ମ୍ୟାଚ୍ ୨-୨ରେ ବରାବର ରହିଥିଲା। ଆଗରୁ ବାଦ୍ ପଡ଼ିଥିବା ମରକ୍କୋ ଗୋଟିଏ ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲା। ସ୍ପେନ୍ ଆଗକୁ ବଢ଼ିଯାଇଥିଲା।

ଜୁଲାଇ ୧୭ରୁ ହଜ ଯାତ୍ରା, ୭୩୦ ଯାତ୍ରୀ

କଟକ,୨୫।୬(ଇମିସ): ଆସନ୍ତା ଜୁଲାଇ ୧୭ ତାରିଖରୁ ଆରମ୍ଭ ହେବ ହଜ ଯାତ୍ରା। ଅଗଷ୍ଟ ଶେଷ ଭାଗରେ ସାଉଦି ଆରବସ୍ଥିତ ମକ୍କା ମଦିନାରେ ହଜ ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ପ୍ରସ୍ତୁତି ହୋଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ରାଜ୍ୟର ୭୩୦ ଜଣ ଯାତ୍ରୀ ହଜଯାତ୍ରା କରିବେ। ଏଥିପାଇଁ ଯାତ୍ରୀମାନେ ଜୁଲାଇ ୧୭ରୁ ୨୯ ତାରିଖ ମଧ୍ୟରେ କୋଲକାତା ଯାଇ ବିମାନରେ ସାଉଦି ଯାତ୍ରା କରିବେ। ଏହି ପରିପ୍ରେକ୍ଷୀରେ ଯାତ୍ରୀମାନଙ୍କୁ ପ୍ରଶିକ୍ଷଣ ପାଇଁ ରାଜ୍ୟ ହଜ କମିଟି ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତି ହୋଇଛି। ଏ ନେଇ ରାଜ୍ୟରେ ଜୋନ (କଟକ, ଯାଜପୁର, ବାଲେଶ୍ୱର, ରାଉରକେଲା, ତରଭା) ଗଠିତ ହୋଇଛି। କଟକ ଜୋନରେ ପୁରୀ, ଢେଙ୍କାନାଳ, ନୟାଗଡ, ଅନୁଗୁଳ, ଗଞ୍ଜାମ, କେନ୍ଦ୍ରାପଡା, ଜଗତସିଂହପୁର ଆଦି ଜିଲ୍ଲାକୁ ସାମିଲ କରାଯାଇଛି। ସର୍ବାଧିକ ୩୮୨ ଜଣ ଯାତ୍ରୀ ଏହି ଜୋନ୍‌ରେ ନାମ ପଞ୍ଜିକରଣ କରିଛନ୍ତି। ଏଥିମଧ୍ୟରୁ କଟକ ସହରରେ ୧୩୬ ଜଣ ଯାତ୍ରୀ ଥିବା ଜଣାପଡିଛି। ସେହିପରି ଯାଜପୁର ଜୋନରେ ୮୧, ବାଲେଶ୍ୱର ଜୋନ (ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ)ରେ ୧୨୧, ରାଉରକେଲା (ରାଉରକେଲା, ଝାରସୁଗୁଡା)ରେ ୯୭, ତରଭା (ବଲାଙ୍ଗୀର, ସୋନପୁର, ସମ୍ବଲପୁର)ରେ ୪୯ ଜଣ ଶ୍ରଦ୍ଧାଳୁଙ୍କ ନାମ ପଞ୍ଜୀକୃତ ହୋଇଛି। ଖୁବଶୀଘ୍ର ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ହଜ କମିଟି ସୂଚନା ଦେଇଛି।

୧୪ ଲକ୍ଷ ଯୁବପିଢ଼ିଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଶିକ୍ଷଣ ପାଇଁ ବୁଝାମଣା



ଭୁବନେଶ୍ୱର,୨୫/୬(ଇମିସ): ସ୍କିଲ୍ ଫର୍ ଲାଇଫ୍ - ସେଭ୍ ଲାଇଫ୍ ନାମରେ ଦେଶର ୧୪ ଲକ୍ଷ ଯୁବକ, ଯୁବତୀଙ୍କୁ ସ୍ୱାସ୍ଥ୍ୟ ସେବାର ୧୦ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦକ୍ଷତା ବିକାଶ କରି ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାକୁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟ ସଂଯୋଜନାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ମନ୍ତ୍ରଣାଳୟ ଅଧୀନସ୍ଥ ଇଗ୍‌ନୋ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ତ୍ୱରାନ୍ୱିତ ହେଉଛି : ଧର୍ମେନ୍ଦ୍ର

୧୦ଟି କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରଶିକ୍ଷଣ ଓ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଦକ୍ଷତା ବିକାଶ ମନ୍ତ୍ରଣାଳୟ ଇଗ୍‌ନୋକୁ ଏହି ସୀମିତ ଅବଧି ପାଠ୍ୟକ୍ରମ ପାଇଁ ସହାୟତା ଯୋଗାଇ ଦେବ। ଦେଶର ଜିଲ୍ଲା ଓ ଗାଁ ସ୍ତର ପର୍ଯ୍ୟନ୍ତ ମାନବ ସମ୍ବଳକୁ ପ୍ରଶିକ୍ଷିତ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ସ୍ଥିରୀକୃତ ମାନକ ଅନୁସାରେ ପ୍ରାର୍ଥୀମାନଙ୍କୁ ପ୍ରଶିକ୍ଷିତ କରାଯିବ।

ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସହଯୋଗ କାରଣରୁ ଦେଶରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରାଯାଇପାରୁଛି। ଆୟୁଷ୍ମାନ ଭାରତ ଯୋଜନାର ସଫଳତା ବିଶାଳ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ ସେବାର ମାନବ ସମ୍ବଳ ବିନା ସଫଳ ହୋଇପାରିବ ନାହିଁ। ଏଥିରେ ପ୍ରଶିକ୍ଷିତ ପ୍ରାର୍ଥୀମାନଙ୍କୁ ରାଷ୍ଟ୍ରୀୟ ଦକ୍ଷତା ବିକାଶ ଫ୍ରେମ୍‌ର ସାର୍ଟିଫିକେଟ୍ ସହ ସଂଯୁକ୍ତ କରାଯିବ।

ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସ୍ୱର୍ଗତ ଧୀରେନ୍ଦ୍ରନାଥ ଶତପଥୀଙ୍କ ସ୍ମୃତିରେ

ଦୀର୍ଘ ୪୮ ବର୍ଷ ତୁମ ସାଙ୍ଗରେ ବିତାଇଛି। ତୁମର ଭଲ, ମନ୍ଦ ମୁଁ ଯେତିକି ଅନୁଭବ କରିଛି ବା ଜାଣିଛି, ତାହା ଅନ୍ୟମାନେ କେହି ଜାଣନ୍ତି ନାହିଁ। ତୁମେ ଯେଉଁ ଯେଉଁ ସ୍ଥାନରେ ଚାକିରିରେ ରହିଛ, ସେ ଅଞ୍ଚଳର ଲୋକମାନଙ୍କ ସାମାଜିକ ଜୀବନ ବିଷୟରେ ନିଜକୁ ଜଡ଼ିତ କରିଦିଅ। ସବୁ ପ୍ରଶ୍ନର ଉତ୍ତର ତୁମ ପାଖରେ ଥାଏ, ଯିଏ ଯେଉଁଠାରେ ଯାହା ପଚାରୁଥିଲେ ତୁମେ ସାଙ୍ଗେ ସାଙ୍ଗେ ଉତ୍ତର ଦେଉଥିଲ। ସେଥିପାଇଁ ବହୁ ସହକର୍ମୀ, ସାଙ୍ଗସାଥୀ, ପରିବାର ଲୋକେ, ଛାତ୍ରଛାତ୍ରୀ ବିଶେଷକରି ତୁମର ପୁଅଝିଅ, ଜ୍ୱାଇଁ, ନାତିନାତୁଣୀମାନେ ପ୍ରତି ମୁହୂର୍ତ୍ତରେ ତୁମକୁ ଖୋଜୁଛନ୍ତି। ତୁମ ଜୀବନରେ ତୁମେ କିଛି ଲୁଚାଇ ନାହଁ। ଏତେ ଖୋଲାମଣିଷ ମୁଁ କାହିଁ ଦେଖୁନି ତ? ଫୁଲବାଣୀରେ ଥିଲାବେଳେ ଅଧ୍ୟାପକ ବିଜୟବସନ୍ତ ଗୋଟିଏ ମିଟିଂରେ କହିଥିଲେ, 'ଆମ ସାର୍ ପୂର୍ଣ୍ଣମୀ-ଚନ୍ଦ୍ର ପରି'', ଚନ୍ଦ୍ର ଯେପରି ତା ଦେହରେ ଥିବା କଳାଦାଗକୁ ନ ଲୁଚାଇ ସମସ୍ତଙ୍କୁ ଦେଖାଇଥାଏ, ଆମ ସାର୍ ତାଙ୍କର ଦୋଷ ଦୁର୍ବଳତାକୁ ସମସ୍ତଙ୍କ ସାମନାରେ କହିଦିଅନ୍ତି।'' ପାରଳାଖେମୁଣ୍ଡି (ଏସ୍.କେ.ସି.ଜି) କଲେଜରେ ତୁମର ଜଣେ ସହକର୍ମୀ ଅଧ୍ୟାପକ ସୁରେନ୍ଦ୍ର ମହାରଣା କୁହନ୍ତି ''ଡର କାହାକୁ ଭୟ କାହାକୁ, ସାର୍ ଅଛନ୍ତି ଚଉବାହାକୁ''। ଓଡ଼ିଆରେ ଏମ୍‌ଏ କରୁଥିବା ଛାତ୍ରଛାତ୍ରୀଙ୍କଠାରୁ ଶୁଣିଛି ''ସାର୍, ଆମକୁ ବିଏରେ ଯାହା କହିଥିଲେ ଆମର ଏମ୍‌ଏରେ ଆମକୁ ବେଶି ପରିଶ୍ରମ କରିବାକୁ ପଡ଼ିଲାନି।'' ତୁମର ଅନାବିଳ ସ୍ନେହ ମାଧ୍ୟମରେ ସମସ୍ତଙ୍କୁ ନିଜ ଭିତରେ ବାନ୍ଧି ରଖିଛ।


ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ତୁମେ ଏକାଧାରରେ ଉଚ୍ଚକୋଟୀର ଶିକ୍ଷାବିତ୍, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ, ପରୋପକାରୀ, ସମାଜସେବୀ, ଛାତ୍ରବନ୍ଧୁପ୍ରେମୀ, ସ୍ନେହୀ ପିତା ଓ ଉତ୍ତମ ପତି ଥିଲ। ଶ୍ରୀମା ଶ୍ରୀ ଅରବିନ୍ଦଙ୍କର ପ୍ରକୃତ ସାଧକ ଓ ଅନୁଗାମୀ ଥିଲ। ଆଜି ତୁମର ତୃତୀୟ ବାର୍ଷିକ ଶ୍ରାଦ୍ଧଦିବସରେ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇ ଆଶୀର୍ବାଦ ଭିକ୍ଷା କରୁଛୁ।

ନିବେଦିତା ଶତପଥୀ
ଶ୍ରଦ୍ଧା, ପ୍ଲଟ୍ ନଂ. ୬୪୭/ଏ ନୟାପଲ୍ଲୀ, ଭୁବନେଶ୍ୱର

No 1 Clinic in India for Sexual Treatment

Lady Doctors are available for Ladies

For Best results Consult Physically

ଏଠାରେ ସ୍ତ୍ରୀ ଓ ପୁରୁଷମାନଙ୍କର ସମସ୍ତ ପ୍ରକାରର

ଗୁପ୍ତରୋଗର

ସଫଳତା ପୂର୍ବକ ଚିକିତ୍ସା କରାଯାଏ ।

ଗୋପନରେ ମଦ ଛଡାନ୍ତୁ

PUSHPA CLINIC (P) LTD.

www.pushpaclinic.com

ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା

A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000

ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତୀତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

TATA
ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ
CIN : L27102OR1982PLC001091
ପଞ୍ଜିକୃତ କାର୍ଯ୍ୟାଳୟ: ପୋଷ୍ଟ-ଜୋଡ଼ା, ଜିଲ୍ଲା-କେନ୍ଦୁଝର, ଓଡ଼ିଶା-୭୫୮୦୩୪, ଭାରତ
ଫୋନ: ୯୧ ୬୭୬୭ ୨୭୮୧୭୮; ଫାକ୍ସ: ୯୧ ୬୭୬୭ ୨୭୮୧୨୯
ଇମେଲ୍ ଆଇଡ଼ି:investorcell@tatasponge.com, ୱେବସାଇଟ:www.tatasponge.com

୩୫ତମ ବାର୍ଷିକ ସାଧାରଣ ବୈଠକ,ଇ-ଭୋଟିଂ ଏବଂ ବୁକ୍ କ୍ଲୋଜର ନିମନ୍ତେ ବିଜ୍ଞପ୍ତି

ଏତଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ କଂପାନୀର ୩୫ ତମ ବାର୍ଷିକ ସାଧାରଣ ସଭା (''ଏଜିଏମ୍'') ବୁଧବାର ୧୮ ଜୁଲାଇ, ୨୦୧୮ ର ସକାଳ ୧୦.୩୦ ଘ. ସମୟରେ ଲେକ୍ ଭ୍ୟୁ, ଅଫିସର୍ସ ରିକ୍ରିଏସନ୍ ସେଣ୍ଟର, ଟିଏସଆଇଏଲ ଟାଉନସିପ୍, ଜୋଡ଼ା, ଜିଲ୍ଲା-କେନ୍ଦୁଝର, ଓଡ଼ିଶା-୭୫୮୦୩୪ ଠାରେ ଅନୁଷ୍ଠିତ ହେବ ଓ ଏଥିରେ ୧୭ ଅପ୍ରେଲ, ୨୦୧୮ ରେ ଏଜିଏମ୍ ବିଜ୍ଞପ୍ତିର ସ୍ଥିରିକୃତ ପ୍ରକାରେ ବ୍ୟବସାୟକୁ ପରିଚାଳନା କରାଯିବ।

୨୦୧୭-୧୮ ପାଇଁ ଏଜିଏମ ବିଜ୍ଞପ୍ତିର ବୈଦ୍ୟୁତିକ କପି ଏବଂ ବାର୍ଷିକ ରିପୋର୍ଟକୁ ସମସ୍ତ ସଦସ୍ୟ ଯେଉଁମାନଙ୍କର ଇ-ମେଲ୍ ଆଇଡ଼ି କମ୍ପାନୀ/ଡ଼ିପୋଜିଟୋରୀ ପାର୍ଟିସିପାଣ୍ଟ(ସମୂହ) ଠାରେ ପଞ୍ଜିକୃତ ହୋଇଛି ସେମାନଙ୍କ ନିକଟକୁ ପଠାଯାଇଛି । ଏହି ନଥିପତ୍ର ମଧ୍ୟ କମ୍ପାନୀର ୱେବସାଇଟ୍ www.tatasponge.comରେ ଉପଲବ୍ଧ ରହିଛି । ୨୦୧୭-୧୮ ପାଇଁ ଏଜିଏମ୍ ବିଜ୍ଞପ୍ତିର ଫିଜିକାଲ କପି ଏବଂ ବାର୍ଷିକ ରିପୋର୍ଟକୁ ଅନ୍ୟ ସମସ୍ତ ସଦସ୍ୟମାନଙ୍କୁ ସେମାନଙ୍କର ପଞ୍ଜିକୃତ ଠିକଣାରେ ଅନୁମତିଯୋଗ୍ୟ ମାଧ୍ୟମରେ ପଠାଯାଇଛି । ୨୦୧୭-୧୮ ଏଜିଏମ ନୋଟିସ୍ ଏବଂ ବାର୍ଷିକ ରିପୋର୍ଟ ଯାହା ଜୁନ୍ ୨୨, ୨୦୧୮ ରେ ସମ୍ପୂର୍ଣ୍ଣ ହୋଇଛି ତାହାକୁ ପ୍ରେରଣ କରାଯାଇଛି।

ପୁନଶ୍ଚ, କମ୍ପାନୀ ଅଧିନିୟମ ୨୦୧୩ର ଧାରା ୯୧ର ବ୍ୟବସ୍ଥା ଅନୁଯାୟୀ କମ୍ପାନୀର ନୀୟମ ୧୦ (ପରିଚାଳନା ଏବଂ ପ୍ରଶାସନ) ନୀୟମ ୨୦୧୪ ଏବଂ ସେବି (ଲିଷ୍ଟିଂ ଓବ୍ଲିଗେସନ ଏବଂ ଡ଼ିସ୍‌କ୍ଲୋଜର ରିକ୍ୱାରମେଣ୍ଟସ) ସେବିର ନୀୟମ ୪୨ ନୀୟମ ୨୦୧୫ ଅଧୀନରେ ସଦସ୍ୟମାନଙ୍କର ପଞ୍ଜିକରଣ ଏବଂ କମ୍ପାନୀର ସେୟାର ଟ୍ରାନ୍ସଫେର ବୁକ୍ ଆର୍ଥିକ ବର୍ଷ ୨୦୧୭-୧୮ ପାଇଁ ଡ଼ିଭିଡ଼େଣ୍ଡର ପେମେଣ୍ଟ ଉଦ୍ଦେଶ୍ୟରେ ଗୁରୁବାର ୧୨ ଜୁଲାଇ, ୨୦୧୮ ଠାରୁ ବୁଧବାର ୧୮ ଜୁଲାଇ, ୨୦୧୮ ପର୍ଯ୍ୟନ୍ତ (ଉଭୟ ଦିନକୁ ଲଗାଇ) ବନ୍ଦ ରହିବ, ଯଦି ଘୋଷଣା କରାଯାଇଥାଏ।

କମ୍ପାନୀ ଅଧିନୀୟମ, ୨୦୧୩ର ଧାରା ୧୦୮ ର ବ୍ୟବସ୍ଥା ଅନୁଯାୟୀ ଏବଂ କମ୍ପାନୀର ନିୟମ ୨୦ (ପରିଚାଳନା ଏବଂ ପ୍ରଶାସନ) ନିୟମ, ୨୦୧୪, କମ୍ପାନୀ ଦ୍ୱାରା ସଂଶୋଧନ ଏବଂ ସେବି (ଲିଷ୍ଟିଂ ଓବ୍ଲିଗେସନ ଏବଂ ଡ଼ିସ୍‌କ୍ଲୋଜର ରିକ୍ୱାରମେଣ୍ଟସ) ସେବିର ନୀୟମ ୪୪ର ନିୟମ, ୨୦୧୫ ଦ୍ୱାରା କମ୍ପାନୀ ତାହାର ସଦସ୍ୟଙ୍କୁ ନ୍ୟାସନାଲ ସିକ୍ୟୁରିଟି ଡିପୋଜିଟୋରି ଲିମିଟେଡ (ଏନ୍‌ଏସ୍‌ଡିଏଲ୍) ଦ୍ୱାରା ରିମୋଟ ଇ-ଭୋଟିଂ ଜରିଆରେ ସମସ୍ତ ରିଜୋଲ୍ୟୁସନ ଉପରେ ବୈଦ୍ୟୁତିକ ମାଧ୍ୟମରେ ଭୋଟିଂ ଅଧିକାରର ସୁବିଧା ପ୍ରଦାନ କରିବ।

ଏହା କମ୍ପାନୀର ଅଧିନୀୟମ, ୨୦୧୩ ଅଧୀନରେ ଆବଶ୍ୟକତା ଅନୁସାରେ ସବିଶେଷ ଏବଂ ନୀୟମକୁ ନିମ୍ନରେ ପ୍ରଦାନ କରାଯାଇଛି।

ରିମୋଟ ଇ-ଭୋଟିଂ ଅବଧି ରବିବାର, ୧୫ ଜୁଲାଇ ୨୦୧୮ ର ସକାଳ ୯.୦୦ ଘ. ଠାରୁ ଆରମ୍ଭ ହେବ ଏବଂ ଏହା ମଙ୍ଗଳବାର ୧୭ ଜୁଲାଇ, ୨୦୧୮ ର ସନ୍ଧ୍ୟା ୫.୦୦ ଘ.ରେ ଶେଷ ହେବ । ଏହି ଅବଧି ମଧ୍ୟରେ, କମ୍ପାନୀର ସଦସ୍ୟ, ସେୟାରଧାରୀ ଫିଜିକାଲ ରୂପେ, କିମ୍ବା ଡ଼ିମ୍ୟାଟେଲାଇଜଡ଼ ରୂପେ ଧାର୍ଯ୍ୟ ତାରିଖରେ (ଯାହା ବୁଧବାର, ୧୧ ଜୁଲାଇ, ୨୦୧୮) ରେ ସେମାନଙ୍କର ଭୋଟ୍‌କୁ ବୈଦ୍ୟୁତିକଭାବେ ଦେଇପାରିବେ । ଏହାପରେ ମତଦାନ ପାଇଁ ରିମୋର୍ଟ ଇ-ଭୋଟିଂ ମଡ୍ୟୁଲ୍ ଏନଏସଡ଼ିଏଲ ଦ୍ୱାରା ଅଚଳ କରିଦିଆଯିବ ।

ଯେ କେହି ବ୍ୟକ୍ତି ଯିଏକି କମ୍ପାନୀର ଅଂଶ ଧାରଣ କରିଛନ୍ତି ଏବଂ ୩୫ତମ ଏଜିଏମ ବିଜ୍ଞପ୍ତି ପ୍ରେରଣ ପରେ କମ୍ପାନୀର ସଦସ୍ୟ ହୋଇଛନ୍ତି ଏବଂ ଧାର୍ଯ୍ୟ ତାରିଖ ଅର୍ଥାତ୍ ୧୧ ଜୁଲାଇ, ୨୦୧୮ ସୁଦ୍ଧା ନିଜର ସେୟାର ରଖିଛନ୍ତି ଓ ରିମୋଟ ଇ-ଭୋଟିଂ ପାଇଁ ସିକ୍ୟୁଏନ୍‌ସ ନମ୍ବର ପାଇଛନ୍ତି ସେମାନେ କମ୍ପାନୀ ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ, ମେସର୍ସ ଟିଏସଆର ଦରାସ ଲିମିଟେଡ଼ଙ୍କୁ csg-unit@tsrdarashaw.com ରେ ଅନୁରୋଧ ପଠାଇ ଇ-ଭୋଟିଂରେ ଭାଗ ନେଇପାରିବେ ।

ସଦସ୍ୟମାନେ ଶାରିରୀକ ଭାବରେ ବୈଠକରେ ଯୋଗଦେଇ କିମ୍ବା ପ୍ରକ୍ସି ଜରିଆରେ ବୈଠକ ହେଉଥିବା ସ୍ଥାନରେ ପୋଲିଂ ପେପର ଦ୍ୱାରା ଭୋଟ୍ ଦେଇପାରିବେ । ଅନ୍ୟପକ୍ଷରେ, ଭୋଟ୍ (ସମୂହ) କ୍ଷେତ୍ରରେ ରିମୋଟ ଇ-ଭୋଟିଂ ମାଧ୍ୟମରେ ତାଙ୍କର ଭୋଟ୍ ଦେଇସାରିଛନ୍ତି, ପୋଲିଂ ପେପର ଦ୍ୱାରା ବୈଠକ ସ୍ଥାନରେ ପୁନଶ୍ଚ ଭୋଟ୍ ଦେଲେ ଏହାକୁ ଅବୈଧ ବୋଲି ବିବେଚନା କରାଯିବ ଏବଂ ରିମୋଟ ଇ-ଭୋଟିଂ ଦ୍ୱାରା କରାଯାଇଥିବା ମତଦାନକୁ ବୈଧ ବୋଲି ବିବେଚନା କରାଯିବ।

କମ୍ପାନୀ ସୁଶ୍ରୀ ମଞ୍ଜରୀ ସିହ୍ନା, ପ୍ରାକ୍ଟିସିଂ କମ୍ପାନୀ ସଚିବ (ସଦସ୍ୟତା ନଂ.ଏଫସିଏସଃ ୯୩୯୨)ଙ୍କୁ ଯାଞ୍ଚ ଅଧିକାରୀ ଭାବରେ ଇ-ଭୋଟିଂ ପ୍ରଣାଳିକୁ ସ୍ୱଚ୍ଛ ଏବଂ ନିର୍ମଳ ଭାବରେ ତଦାରଖ କରିବା ନିମନ୍ତେ ନିଯୁକ୍ତ କରାଯାଇଛି ।

ଏଜିଏମ୍‌ର ବିଜ୍ଞପ୍ତି ଏବଂ ୨୦୧୭-୧୮ର ଆନୁଆଲ ରିପୋର୍ଟ କମ୍ପାନୀର ୱେବସାଇଟ୍ www.tatasponge.com ରେ ଉପଲବ୍ଧ ଏବଂ ଏହା ମଧ୍ୟ ଏନଏସଡ଼ିଏଲ୍‌ର ୱେବସାଇଟ୍ www.evoting.nsdl.com ରେ ଉପଲବ୍ଧ ରହିଛି ।

ଯଦି କୌଣସି ଅନୁସନ୍ଧାନ କିମ୍ବା ଇ-ଭୋଟିଂ ସମ୍ବନ୍ଧିତ କୌଣସି ମାମଲା ଥାଏ ତେବେ ଆପଣମାନେ www.evoting.nsdl.com ରେ ଥିବା (ଏଫ୍‌ଏକ୍ୟୁଜ୍)କୁ ଅନୁସରଣ କରିପାରିବେ କିମ୍ବା ଶୁଳ୍କ ମୁକ୍ତ ନମ୍ବରଃ ୧୮୦୦-୨୨୨-୯୯୦ ରେ କଲ୍ କରିପାରିବେ । ସଦସ୍ୟମାନେ ବୈଦ୍ୟୁତିକ ମାଧ୍ୟମରେ ଭୋଟିଂ ପାଇଁ ସୁବିଧା ସହ ସମ୍ପୃକ୍ତ ତଥ୍ୟକୁ ଜାଣିବା ପାଇଁ ଯୋଗାଯୋଗ କରିପାରିବେଃ

ଶ୍ରୀଯୁକ୍ତ ରାଜୀବ ରଞ୍ଜନ
ନ୍ୟାସନାଲ ସିକ୍ୟୁରିଟିଜ୍ ଡ଼ିପୋଜିଟୋରୀ ଲିମିଟେଡ଼,
ଟ୍ରେଡ୍ ୱାର୍ଲଡ଼, ଏ ୱିଙ୍ଗ୍, ୪ର୍ଥ ମହଲା,
କମଲା ମିଲ୍‌ସ କମ୍ପାଉଣ୍ଡ, ସେନାପତି ବପତ ମାର୍ଗ,
ଲୋୟର ପାରେଲ, ମୁମ୍ବାଇ-୪୦୦୦୧୩,
ଇମେଲ୍:evotingnsdl.co.in

ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ଼ ପାଇଁ
ସ୍ୱା/-
ସଞ୍ଜୟ କସ୍ତୁରେ
ଚିଫ୍ ରିସ୍କ ଓ କମ୍ପ୍ଲିଆନ୍‌ସ ଅଫିସର ଏବଂ କମ୍ପାନୀ ସଚିବ

ଜୋଡ଼ା (ଓଡ଼ିଶା)
ତାରିଖ : ୨୫ ଜୁନ୍ ୨୦୧୮